# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 15 April - 2026

*********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ ଦିଗ ଉପରେ ବିଚାର ବିମର୍ଶ କରାଯାଇ କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ୍ ପ୍ରସ୍ତୁତ କରିଛନ୍ତି
- ସମ୍ବଲପୁର ଦଳେଇପଡାଠାରେ ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟକୁ ଉଦ୍‌ଘାଟନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ତତ୍ତ୍ୱାବଧାନରେ ଚାଲିଛି ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଆଶ୍ରମ ସ୍କୁଲ ଛାତ୍ରୀମୃତ୍ୟୁ ଘଟଣାର ତଦନ୍ତ
- ବୈଶାଖ ଶୁକ୍ଳ ତ୍ରୟୋଦଶୀ ତିଥିରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ ଶ୍ରୀଜୀଉଙ୍କ ବନକଲାଗି ନୀତି

ଏବଂ

- ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମପ୍ରବାହ

## ମହିଳା ସଂରକ୍ଷଣ ବିଲ୍

**ମହିଳା ସଂରକ୍ଷଣ ବିଲ୍** ବିଭିନ୍ନ ଦିଗ ଉପରେ ବିଚାର ବିମର୍ଶ କରାଯାଇ ପ୍ରସ୍ତୁତ ହୋଇଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି । ନୂଆଦିଲ୍ଲୀଠାରେ ସାମ୍ବାଦିକଙ୍କ ସହିତ  ଆଲୋଚନା କାଳରେ ଶ୍ରୀ ରିଜିଜୁ କହିଛନ୍ତି, ପ୍ରତ୍ୟେକ ପ୍ରସଙ୍ଗକୁ ନ୍ୟାୟସଙ୍ଗତ ଭାବେ ବିଚାର କରାଯିବା ସହ ଆସନ ସଂଖ୍ୟା ବୃଦ୍ଧି ପାଇଁ ପ୍ରସ୍ତାବ ରହିଛି । ପ୍ରସ୍ତାବିତ ବିଲ୍ ଏକ ସନ୍ତୁଳିତ ଏବଂ ପ୍ରତ୍ୟେକ ସମ୍ପ୍ରଦାୟ, ଅଂଚଳ ଓ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳର ଆକାଂକ୍ଷାକୁ ପୂରଣ କରିପାରିବ ବୋଲି ଶ୍ରୀ ରିଜିଜୁ ଆଶା ବ୍ୟକ୍ତ କରିଛନ୍ତି ।

**- V/O - (କିରେନ୍ ରିଜିଜୁ )**

ମହିଳା ସଂରକ୍ଷଣ ବିଲ ଉଭୟ ଆଲୋଚନା ପାଇଁ ଆସନ୍ତାକାଲିଠାରୁ ସଂସଦର ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେବ ।

## ଛାତ୍ରୀ ମୃତ୍ୟୁ–ଆରଡିସି ତଦନ୍ତ

ମୟୂରଭଂଜ ଜିଲ୍ଲା ରାସଗୋବିନ୍ଦପୁର ତହସିଲର ଆଶ୍ରମ ସ୍କୁଲର ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ–ଆରଡିସି ଆଜି ଘଟଣା ଘଟିଥିବା ସ୍କୁଲରେ ପହଂଚି ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସହିତ ଆଲୋଚନା କରିଛନ୍ତି ।  ଅନ୍ୟ ଛାତ୍ରୀମାନଙ୍କ ଅସୁସ୍ଥତାର କାରଣ ଏବଂ  ଛାତ୍ରୀ ରୁପାଲୀଙ୍କ ମୃତ୍ୟୁ ସମ୍ପର୍କରେ ଡାକ୍ତରମାନଙ୍କ ସହ ପରାମର୍ଶ କରି ଆରଡିସି ଏ ସମ୍ପର୍କରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ । ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ଡାକ୍ତରୀ ଦଳ ରାସଗୋବିନ୍ଦପୁର ଆଜି

ଗସ୍ତ କରିଛନ୍ତି । ଘଟଣାରେ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତ ରୂପାଲୀଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କାର ସହାୟତା ଘୋଷଣା କରାଯାଇଛି ।

## ସୁରେନ୍ଦ୍ର ସାଏ

ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ହେଉଛନ୍ତି ଓଡ଼ିଶାର ଶୌର୍ଯ୍ୟ, ଧୈର୍ଯ୍ୟ ଏବଂ ପରାକ୍ରମର ପ୍ରତୀକ । **ସମ୍ବଲପୁର** ଦଳେଇପଡାଠାରେ ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟକୁ ଉଦ୍‌ଘାଟନ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ  କହିଛନ୍ତି, ଏହି ସଂଗ୍ରହାଳୟ ଭବିଷ୍ୟତ ପିଢ଼ିକୁ ରାଜ୍ୟର ଐତିହ୍ୟ ଏବଂ ଇତିହାସ ସମ୍ପର୍କରେ ଜାଣିବା ପାଇଁ ପ୍ରେରଣା ପ୍ରଦାନ କରିବ । ୧୯୦୪ ମସିହାରେ ନଅଜଣ ଜମିଦାରଙ୍କ ଦାନ ଟଙ୍କାରେ ବ୍ରିଟିଶ ସରକାର ଏହି କୋଠାକୁ ଭିକ୍ଟୋରିଆ ଡିଷ୍ଟ୍ରିକ୍ଟ ହଲ୍‌କୁ ନାମିତ କରିଥିଲେ । ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ବୀରତ୍ୱର ଗାଥାକୁ ସମ୍ମାନ ଜଣାଇ ଆଜି ବୀର ସୁରେନ୍ଦ୍ର ସାଏଙ୍କ ନାମରେ ସଂଗ୍ରହାଳୟ ରୂପାନ୍ତରିତ ହୋଇଛି । ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ଇଣ୍ଟାକ୍‌ର ମିଳିତ ସହଯୋଗରେ ଏହି ସଂଗ୍ରହାଳୟ ନିର୍ମିତ ହୋଇଛି । ସମ୍ବଲପୁରର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହିତ ଜଡିତ ଅନେକ ଦୁର୍ଲଭ ଫଟୋଚିତ୍ର ସଂଗ୍ରାହାଳୟରେ ସ୍ଥାନ ପାଇଛି । ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଜାତୀୟ ଶିକ୍ଷାନୀତି ମାଧ୍ୟମରେ ଆଂଚଳିକ ସଂଗ୍ରାମୀଙ୍କ ଗାଥାକୁ ଜାତୀୟ ସ୍ତରରେ ପହଞ୍ଚାଇବା ଲାଗି ସରକାର ଅଙ୍ଗୀକାରବଦ୍ଧ । କାର୍ଯ୍ୟକ୍ରମରେ ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ପୂର୍ବତନ ବିଧାୟକ ନାଉରି ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଆସାମ ମୁଖ୍ୟମନ୍ତ୍ରୀ

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି। କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶ୍ରୀମନ୍ଦିରକୁ ଯାଇ ଶ୍ରୀ ବିଶ୍ୱଶର୍ମା ରତ୍ନସିଂହାସନସ୍ଥିତ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ମହିଳା ସଂରକ୍ଷଣ ବିଲ୍‌କୁ ସ୍ୱାଗତ କରିବା ସହ ସମସ୍ତେ ଏଥିପାଇଁ ସମର୍ଥନ ଦେବାକୁ ଶ୍ରୀ ବିଶ୍ୱଶର୍ମା ଆହ୍ୱାନ ଦେଇଛନ୍ତି।

## ଶ୍ରୀମନ୍ଦିର-ସ୍ଲଟ୍ ବୁକିଂ

ପୁରୀ ଶ୍ରୀମନ୍ଦିରରେ ସ୍ଲଟ୍‌ବୁକିଂ ମାଧ୍ୟମରେ ଦର୍ଶନ ବ୍ୟବସ୍ଥା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ମାଧ୍ୟମରେ ସ୍ଲଟ୍ ବୁକିଂ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ। ସେ କହିଛନ୍ତି ଖୁବ୍ ଶୀଘ୍ର ଏହି ବ୍ୟବସ୍ଥା ପ୍ରଚଳନ ନେଇ ବିଚାରବିମର୍ଶ ଚାଲିଛି। ପ୍ରଥମେ ପରୀକ୍ଷାମୂଳକ ଭାବେ ଏହାକୁ କାର୍ଯ୍ୟକାରୀ କରାଯିବ ଏବଂ ଏହାର ସଫଳତା ଭିତ୍ତିରେ ପୂର୍ଣ୍ଣ କାର୍ଯ୍ୟକ୍ଷମତା ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି।

**- V/O - (**ପୃଥ୍ୱୀରାଜ ହରିଚନ୍ଦନ**)**

## ବନକଲାଗି

ବୈଶାଖା ଶୁକ୍ଳ ତ୍ରୟୋଦଶୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ଗୁପ୍ତନୀତି ଅନୁଷ୍ଠିତ ହେବାକୁ ଥିବାରୁ ସେହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ସୁଭଦ୍ରା ଆବେଦନ

ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଆସନ୍ତା ମଇ ୧ ତାରିଖରୁ ୩୦ ତାରିଖ ମଧ୍ୟରେ ନୂଆ ହିତାଧିକାରୀ ଆବେଦନ କରିପାରିବେ । ଏ ସମ୍ପର୍କରେ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ୨୧ ବର୍ଷ ବୟସର ଯୁବତୀମାନେ ଆବେଦନ କରିପାରିବେ । ଅନ୍‌ଲାଇନ ମାଧ୍ୟମରେ ଆବେଦନ ସମୟରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହେଲେ ଧାର୍ଯ୍ୟ ଅବଧିକୁ ଆଉ ୫ ଦିନ ବୃଦ୍ଧି କରାଯିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି ।

## ଧାନକ୍ରୟ

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଭଇଁସାଠାରେ ଧାନକ୍ରୟ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଏ ସଂକ୍ରାନ୍ତ ଭିତ୍ତିଭୂମି ନିର୍ମାଣର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଉଦ୍‌ଘାଟନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ ଶ୍ରୀ ସିଂହଦେଓ କହିଛନ୍ତି, ନୂତନ ଭିତ୍ତିଭୂମି ପ୍ରସ୍ତୁତ ହେଲେ ସ୍ଥାନୀୟ ଚାଷୀ ଏହାର ସୁଫଳ ପାଇବେ । ଅତ୍ୟନ୍ତ ସହଜ ଏବଂ ସରଳ ଭାବରେ ଧାନକୁ ବିକ୍ରି କରିବାର

ସୁଯୋଗ ପାଇବେ ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ଚାଷୀଙ୍କୁ ସେମାନଙ୍କ ପରିଶ୍ରମର ଉଚିତ୍ ମୂଲ୍ୟ ପ୍ରଦାନ କରିବା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଏହି ନୂତନ ପ୍ରକଳ୍ପ ଦ୍ୱାରା ଧାନ ସଂଗ୍ରହ ପ୍ରକ୍ରିୟା ଅଧିକ ଶୃଙ୍ଖଳିତ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ମିଡିଏସନ୍ ଡ୍ରାଇଭ୍ ଅଭିଯାନ

ଆପୋଷ ଆଲୋଚନା ମାଧ୍ୟମରେ ମାମଲାର ସମାଧାନ ଏବଂ ଏହାର ସୁରକ୍ଷିତ ଫଳାଫଳ ଉପରେ ଜନ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ **ଗଞ୍ଜାମ** ଜିଲ୍ଲା ପ୍ରଶାସନ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ 'ମିଡିଏସନ୍ ଡ୍ରାଇଭ୍ ଅଭିଯାନ' କାର୍ଯ୍ୟକାରୀ ହୋଇଛି। ଅଦାଲତ ବାହାରେ ଉଭୟ ପକ୍ଷଙ୍କ ମଧ୍ୟରେ ସମ୍ମତିମୂଳକ ଭାବେ ସମାସ୍ୟାର ସମାଧାନ ପାଇଁ ଏହା ହେଉଛି ଏକ ସରଳ, ତ୍ୱରିତ ତଥା ଫଳଦାୟକ ପଦ୍ଧତି। ଉଭୟ ପକ୍ଷଙ୍କ ମଧ୍ୟରେ ସହମତି ପାଇଁ ଜଣେ ମଧ୍ୟସ୍ଥ-ମିଡିଏଟର ସହଯୋଗ ପ୍ରଦାନ କରିଥାନ୍ତି। ଏହି ପ୍ରକ୍ରିୟା ମାଧ୍ୟମରେ ତ୍ୱରିତ ନ୍ୟାୟ ପ୍ରଦାନ, ମାମଲା ପରିଚାଳନା ଜନିତ ଖର୍ଚ୍ଚ ହ୍ରାସ ଏବଂ ଉଭୟ ପକ୍ଷଙ୍କ ମଧ୍ୟରେ ଉତ୍ତମ ବୁଝାମଣା ସମ୍ଭବ ହୋଇପାରୁଛି।

## ସମୀକ୍ଷା ବୈଠକ

**ଦେବଗଡ଼** ଜିଲ୍ଲାରେ ଜାରି ରହିଥିବା ଉନ୍ନୟନ ପ୍ରକଳ୍ପଗୁଡ଼ିକର ସ୍ଥିତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ବୈଠକରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ନେଇ ଥିବା ଆହ୍ୱାନଗୁଡ଼ିକର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ପ୍ରକଳ୍ପ ସହିତ

ସଂଶ୍ଳିଷ୍ଟ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଉଚ୍ଚପଦସ୍ଥ ଅଧିକାରୀ ଏବଂ ଅନ୍ୟାନ୍ୟ ଅଂଶୀଦାର ଯୋଗଦେଇଥିଲେ।

## ସୁରକ୍ଷା ବୈଠକ

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷା ସବ କମିଟି ଅଧ୍ୟକ୍ଷ ଡକ୍ଟର ଗିରିଶ ମୁର୍ମୁ ଓ ପୁରୀ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂଙ୍କ ସମେତ ଶ୍ରୀମନ୍ଦିର ନୀତି ପ୍ରଶାସକ ଓ ଅନ୍ୟାନ୍ୟ ଅଧିକାରୀ ଏହି ବୈଠକରେ ଉପସ୍ଥିତ ରହିଥିଲେ। ବୈଠକରେ ଶ୍ରୀମନ୍ଦିର ଭିତରେ ଭକ୍ତଙ୍କ ସୁରକ୍ଷିତ ଦର୍ଶନ, ମୋବାଇଲ ଫୋନ୍ କଟକଣା ନେଇ ଆଲୋଚନା ହୋଇଥିଲା। ବୈଠକ ପୂର୍ବରୁ ସୁରକ୍ଷା ସବ୍ କମିଟି ଅଧ୍ୟକ୍ଷ ଡକ୍ଟର ଗିରିଶ ମୁର୍ମୁ ଓ ଅନ୍ୟାନ୍ୟ ଅଧିକାରୀ ଶ୍ରୀମନ୍ଦିର ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ।

## ଅଗ୍ନିଶମ କେନ୍ଦ୍ରକୁ ଯିବା

**ଭଦ୍ରକ** ଜିଲ୍ଲା ବାସୁଦେବପୁରଠାରେ 'ଚାଲନ୍ତୁ ଅଗ୍ନିଶମ କେନ୍ଦ୍ରକୁ ଯିବା' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାସୁଦେବପୁର ଅଗ୍ନିଶମ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଅଶୋକ ଦାସ, ଅଗ୍ନିଶମ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନିକ ଅଧିକାରୀ ଯୋଗଦେଇ ଅଗ୍ନିକାଣ୍ଡ କ୍ଷେତ୍ରରେ ଦମକଳ ପହଂଚିବା ପୂର୍ବରୁ ନିଆଁକୁ ଆୟତ୍ତ କରିବା ପାଇଁ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପଗୁଡ଼ିକ

ଉପରେ ଆଲୋକପାତ କରିଛନ୍ତି। ନିଆଁ ଲିଭାଇବାର ବିଭିନ୍ନ କୌଶଳ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

## ଅମରନାଥ ଯାତ୍ରା

ଚଳିତ ବର୍ଷ ଶ୍ରୀ ଅମରନାଥ ଯାତ୍ରା ପାଇଁ ପଞ୍ଜିକରଣ ଆଜିଠାରୁ ଆରମ୍ଭ ହୋଇଛି। ଦେଶ ବ୍ୟାପୀ ଜମ୍ମୁ କାଶ୍ମୀର ବ୍ୟାଙ୍କ୍, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍, ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଏବଂ ଇଏସ୍ ବ୍ୟାଙ୍କ୍‌ର ନିର୍ଦ୍ଦିଷ୍ଟ ୫୫୬ଟି ଶାଖାରେ ଉଭୟ ଅନ୍‌ଲାଇନ୍ ଏବଂ ଅଫ୍ ଲାଇନ୍ ମାଧ୍ୟମରେ ପଞ୍ଜୀକରଣ ଜାରି ରହିଛି। ମିଳିଥିବା ସୂଚନା ଅନୁଯାୟୀ, ଅଫ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ ପାଇଁ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ ହେଉଥିବା ଜଣାପଡିଛି। ଶ୍ରୀଅମରନାଥ ମନ୍ଦିର ବୋର୍ଡ୍ ପକ୍ଷରୁ ତୀର୍ଥଯାତ୍ରୀଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜୁଲାଇ ୩ ତାରିଖରୁ ଆରମ୍ଭ ହେଉଥିବା ଏହି ଯାତ୍ରା ବିଭିନ୍ନ ପର୍ଯ୍ୟାୟରେ ୫୭ ଦିନ ଧରି ଚାଲିବ।

ଅଗଷ୍ଟ ୨୮ ତାରିଖ ରକ୍ଷାବନ୍ଧନରେ ଯାତ୍ରା ସମାପ୍ତ ହେବ। ଭଗବାନ ଶିବଙ୍କ ଆଶୀର୍ବାଦ ପାଇଁ ପ୍ରଥମ ପୂଜା ଜୁନ୍ ୨୯ ତାରିଖ ଜ୍ୟେଷ୍ଠ ପୂର୍ଣ୍ଣିମାରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ପଞ୍ଜୀକୃତ ତୀର୍ଥଯାତ୍ରୀ ଏବଂ ସେବା ପ୍ରଦାନକାରୀଙ୍କୁ ରେଡ଼ିଓ ଫ୍ରିକ୍ୱେନ୍ସି ଚିହ୍ନଟ ଉପକରଣ ପ୍ରଦାନ କରାଯିବ। ପ୍ରତ୍ୟେକଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ରାଶି ପ୍ରଦାନର ବ୍ୟବସ୍ଥା

ରହିଛି । ଏଥିସହ ତୀର୍ଥଯାତ୍ରୀ ଗୋଷ୍ଠୀ ଦୁର୍ଘଟଣା ଜନିତ ବୀମାରାଶି ମଧ୍ୟ ପାଇବେ ।

ପଞ୍ଜୀକରଣର ବୟସସୀମା ୧୩ରୁ ୭୦ ବର୍ଷ ମଧ୍ୟରେ ସୀମିତ ରହିଛି । ତୀର୍ଥଯାତ୍ରୀଙ୍କୁ ଗତ ୮ ତାରିଖ ପରେ ଜଣେ ଅଧିକୃତ ଡାକ୍ତର କିମ୍ବା ଚିକିତ୍ସା ପ୍ରତିଷ୍ଠାନ ଦ୍ୱାରା ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ । ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରମାଣପତ୍ର ପ୍ରଦାନ ପାଇଁ ଅଧିକାର ପ୍ରାପ୍ତ ଡାକ୍ତର ଏବଂ ପ୍ରତିଷ୍ଠାନଗୁଡ଼ିକର ତାଲିକା ଶ୍ରୀ ଅମରନାଥ ସ୍ରାଇନ୍ ବୋର୍ଡ୍ ପକ୍ଷରୁ ଜାରି କରାଯାଇଛି ।

# ପାଣିପାଗ

ରାଜ୍ୟର ୧୧ଟି ଜିଲ୍ଲାକୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଗରମ ଓ ଗୁଳୁଗୁଳି ଅନୁଭୂତ ହେବା ନେଇ ସତର୍କତା ଜାରି କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୬ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ସହ ଦିନ ତାପମାତ୍ରା ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।